# ଖାଦ୍ୟ ରୁଚି



# ତନ୍ଦୁରୀ ଭେକ୍‌ଟି

## ଆବଶ୍ୟକ ସାମଗ୍ରୀ

ଭେକ୍‌ଟି ମାଛ-୧ କିଗ୍ରା (ଗୋଟିଏ)
ଦହି-୧୦୦ ଗ୍ରାମ୍
ସୋରିଷ ତେଲ-୫୦ ଗ୍ରାମ୍
ଲେମ୍ବୁ ରସ-୨୦ ଗ୍ରାମ୍
ଅଦାପେଷ୍ଟ-୩୦ ଗ୍ରାମ୍
ରସୁଣ ପେଷ୍ଟ-୩୦ ଗ୍ରାମ୍
କଞ୍ଚା ଲଙ୍କା-୪ଟା
ପୋଦିନା ପତ୍ର-୧ବିଡ଼ା
ଧନିଆ ପତ୍ର-୧ବିଡ଼ା
ଚାଟ୍ ମସଲା-୨୦ ଗ୍ରାମ୍
ଦେଘି ମିର୍ଚ ପାଉଡର-୨୦ ଗ୍ରାମ୍
କଳା ଲୁଣ-୧୫ ଗ୍ରାମ୍
ହଳଦୀ-୧୦ ଗ୍ରାମ୍
ଗରମ ମସଲା ଗୁଣ୍ଡ-୫ ଗ୍ରାମ୍
ପିଆଜି-୧୦୦ ଗ୍ରାମ୍
ଆବଶ୍ୟକ ପରିମାଣର ଲୁଣ

ପୁରୀକୁ ପ୍ରତିଦିନ ଆସୁଥିବା ପର୍ଯ୍ୟଟକ ଏବଂ ଯାତ୍ରୀଙ୍କୁ ଦୃଷ୍ଟିରେ ରଖି ବହୁସଂଖ୍ୟାରେ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଖୋଲିଛି। ବିଶେଷକରି ବେଳାଭୂମି ମାର୍ଗରେ ଏକାଧିକ ବଡ଼ ବଡ଼ ହୋଟେଲ ରହିଛି। ଏହିସବୁ ହୋଟେଲଗୁଡ଼ିକରେ ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ବିଶେଷକରି ଆମିଷପ୍ରିୟ ବ୍ୟକ୍ତିଙ୍କ ପାଇଁ ସୁସ୍ୱାଦୁଯୁକ୍ତ ଖାଦ୍ୟକୁ ପ୍ରାଥମିକତା ଦେଇଥାନ୍ତି ହୋଟେଲ ମାଲିକମାନେ। ଏହି ହୋଟେଲଗୁଡ଼ିକ ମଧ୍ୟରୁ କୋକପାମ୍ ହୋଟେଲ ଅନ୍ୟତମ। ବଳିଆପଣ୍ଡା ଅଞ୍ଚଳରେ ବେଳାଭୂମି କଡ଼ରେ ରହିଥିବା ଏହି ହୋଟେଲ ଗ୍ରାହକଙ୍କ ଚାହିଦାକୁ ଦେଖି ନୂଆ ନୂଆ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରିଥାଏ। ଆମିଷ ଖାଦ୍ୟ ମଧ୍ୟରେ ତନ୍ଦୁରି ଭେକ୍‌ଟିର ବେଶ୍ ଚାହିଦା ରହିଛି। ଏହି ଓଡ଼ିଆ ଡିସ୍‌ର ଗୋଟିଏ ପ୍ଲେଟ୍ ଦାମ୍ ରହୁଛି ୧୦୦୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ କହିଛନ୍ତି ମୁଖ୍ୟ ସେଫ୍ ହିଂମାଶୁ ନାୟକ।



## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଏକ ଛୁରିରେ ୪ଟି ଦାଗ (ଅଧା କଟା) ଲଗାନ୍ତୁ। ଅଦା, ରସୁଣ ପେଷ୍ଟରେ ଲେମ୍ବୁ ରସ, ସୋରିଷ ତେଲ, ଲୁଣ, ଦେଘି ମିର୍ଚ ମିଶ୍ରଣ କରି ମାଛର ଦାଗ ଦିଆଯାଇଥିବା ସ୍ଥାନରେ ବୋଳି ଦିଅନ୍ତୁ। ମାଛକୁ ୧ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍ ଭିତରେ (୫ରୁ ୧୦ଡିଗ୍ରୀ ତାପମାତ୍ରାରେ) ରଖନ୍ତୁ। ଅବଶିଷ୍ଟ ମସଲାକୁ ଦହି, ହଳଦୀ ପାଉଡର ସହ ଫେଣ୍ଟନ୍ତୁ। ଫ୍ରିଜ୍‌ରୁ ମାଛକୁ କାଢି ତା' ଉପରେ ବୋଳି ଦିଅନ୍ତୁ। ୩୦ ମିନିଟ୍ ପର୍ଯ୍ୟନ୍ତ ବାହାରେ ରଖନ୍ତୁ। ଗରମ ତନ୍ଦୁରୀରେ ତନ୍ଦୁରୀ ଷ୍ଟିକ୍ ସାହାଯ୍ୟରେ କିମ୍ବା ଓଭାନ ପ୍ଲେଟରେ ୨୫୦ ଡିଗ୍ରୀ ତାପମାତ୍ରାରେ ୩୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଧନିଆପତ୍ର, କଞ୍ଚାଲଙ୍କା ଏବଂ ପୋଦିନା ପତ୍ରକୁ ପେଷ୍ଟ କରି ଦହି ଏବଂ କଳା ଲୁଣ ସହିତ ଗ୍ରୀନ ଚଟଣି ପ୍ରସ୍ତୁତ କରନ୍ତୁ। ଗରମ ତନ୍ଦୁରୀରୁ ବାହାର କରି ମାଛ ଉପରେ ଚାଟ ମସଲା ଛିଞ୍ଚି ଦିଅନ୍ତୁ। ଗ୍ରୀନ୍ ଚଟଣୀ ଏବଂ ପିଆଜ ସାଲାଡ୍ ସହିତ ଗରମ ଗରମ ପରଷି ଦିଅନ୍ତୁ।

–ରିପୋର୍ଟ: ହେମନ୍ତ ନାୟକ

# ମାଟ୍ରିକ୍ ପାସ୍ କଲା ସମିଆଟା ସବୁଦିନର ଲାଗି ମନେରହେବା

## ନିଜ୍ କଥା



ସାକ୍ଷାତ୍–ନିର୍ମଳ ପଣ୍ଡା

ଛୁଆମାନକର ଜନମ୍‌ଖଁଡ଼ିଆଟା ମୋତେ ଦୁଖ୍ ଦେଉଛେ। କାହିଁରଲାଗି ଦରଖଁଡିଆ ଶରୀରରେ ଇମାନେ ଜନମ୍ ହେଉଛନ୍। କାଣା ଇତାର କାରନ୍ ହେଇପାରେ। କେନ୍‌ଥେଇ ଇତାକେ ବଁଦ୍ କରାଯାଇ ପାରବା। ଇ ବାବ୍‌ଦେ ମୁଇଁ ଗବେଷନା ଜାରି ରଖିଛେଁ। ପାଖାପାଖି ୫ ବଛର ହେଲା ମୁଇଁ ଇ ଗବେଷନା ଆରମ୍ କରିଛେଁ। ଇ କଥା କହିଛନ୍ ଶିଶୁଭବନର ଶିଶୁଶଲ୍ୟ ବିଭାଗ ମୁଖିଆ ପ୍ରଫେସର ପ୍ରଦୀପ କୁମାର ଜେନା। କନ୍ଧମାଳ ଜିଲା ଗୋଠିଣା ନୂଆଗାଁ ଅଂଚଲରେ ୧୯୫୯ରେ ଜନମ୍ ହେଇଥିବାର ଡାକ୍ତର ଜେନା ବ୍ରହ୍ମପୁର ମେଡିକାଲ କଲେଜରୁ ଏମ୍‌ବିବିଏସ, ପିଜି ଶେଷ କଲା ଉତାରୁ ଦିଲ୍ଲୀ ଏମ୍ସରେ ଏମ୍‌ସିଏଚ କରିଥିଲେ। ଛୁଆମାନ୍‌କର କ୍ଷେତ୍ରରେ ସଫଲତାର ସହିତ୍ ବହୁତ୍ ଜଟିଳ ଅପରେଶନ କରି ସେ ନାଁ କମେଇଛନ୍। ଏହେଦ୍‌କା ସେ ପ୍ରିଭେନ୍‌ଶନ ଅଫ୍ ବାର୍ଥ ଡିଫେକ୍ଟ ଉପରେ ଗବେଷଣା କରୁଛନ୍। ଡାକ୍ତର ଜେନାକଁର ନିଜର ଜୀବନ୍ ବାବ୍‌ଦେ ତାହାକୁ ପଚ୍ରାଯାଇଥିବାର କେତେଟା ପ୍ରଶ୍ନ।

**ପହେଲା ଦରମା କାଣା କରିଥିଲେ?**

୧୯୮୬ରେ ଗଞ୍ଜାମ ଜିଲାର ନୂଆପଡା ଅଂଚଲରେ ଥିବାର ଗୁଟେ ଡାକ୍ତରଖାନାରେ ଯୋଗ୍ ଦେଇଥିଲି। ସେ ସମିଆରେ ମାସିକ୍ ୭ଶହ ଟଁକା ଦରମା ମିଳୁଥାଏ। ପହେଲା ଦରମା ବାପାକେ ଦେଇଥିଲି।

**କେନ୍ ରଂଗ୍ ଆପନ୍‌କୁ ଭଲ୍ ଲାଗ୍‌ସି?**

❖ନୀଲିଆ ରଂଗ ମୋର ପସନ୍। ଇ ରଂଗରେ ମୁଇଁ ଶିଆଁତି ଆର୍ ସହାନୁଭୂତି ପାଇସିଁ।

**ସିନେମା ଦେଖିସନ୍ କାଏଁ?**

❖ପାଖାପାଖି ୨୦ ବଛର ହେଲା ସିନେମା ନାଇଁଦେଖି। ଶେଷଥର ଲାଗି କେନ୍ ସିନେମା ଦେଖିଥିଲି ସେଟା ବି ମୋର ଶୋର ନାଁଇଁ।

**କେନ୍‌ମାନେ ଆପନ୍‌କର ପସନ୍‌ର ହିରୋ, ହିରୋଇନ?**

❖ଅମିତାଭ ବଚନ ଆର୍ ରେଖାକଁର ଅଭିନଏ ମୋତେ ଭଲ୍ ଲାଗ୍‌ସି।

**ଗୀତ୍ ଶୁନ୍‌ସନ୍ କାଏଁ?**

❖ପୁରୁନା ଗୀତ୍ ଶୁନ୍‌ବାକେ ଭଲ୍ ଲାଗ୍‌ସି। ହେଲେ କେହେନ୍‌ସି ଝନେ କଁଠ୍‌ଶିଲ୍‌ପିକଁର ମୁଇଁ ଫ୍ୟାନ୍ ନୁହେ। ଓଡ଼ିଆରେ ଅକ୍ଷୟ ମହାନ୍ତିକଁର ଗୀତ୍ ମୋର ପସନ୍।

**ବହି ପଢ଼ସନ୍ କାଏଁ?**

❖ପଢ଼ିବାରେ ତ ଜୀବନ୍ ବିତୁଛେ। ହେଲେ ଗପ କି ଉପନ୍ୟାସ ନୁହେ। ସମିଆ ମିଳ୍‌ଲେ ମେଡିକାଲ ପାଠ୍ ପଢ଼ସିଁ। ଏହେଦେ ଗବେଷନା କରୁଥିବାର ଲାଗି ରୁଗୀସେବା ଶେଷ ହେଲେ କି ସେ କାମ୍‌ରେ ସମିଆ ବିତୁଛେ।

**ଲଭ କି ଆରେଞ୍ଜ ମ୍ୟାରେଜ?**

❖ପୂରାପୂରି ଆରେଞ୍ଜ ମ୍ୟାରେଜ। ୧୯୯୧ରେ କୁମୁଦିନୀକୁଁ ବିହା ହେଇଥିଲି। ପେସାରେ ସେ ସ୍ତ୍ରୀ ଓ ପ୍ରସୂତି ରୋଗ୍ ବିଭାଗ୍‌ର ଝନେ ଡାକ୍ତର।

**ମାଏକିନାର କେନ୍ ଗୁନ୍ ଆପନ୍‌କୁ ପସନ୍ ଲାଗ୍‌ସି?**

❖କୁମୁଦିନୀକଁରନେ ସବୁପରକାର ଭଲ୍ ଗୁନ୍ ଭରି ରହିଛେ। ଝନେ ଭଲ୍ ଡାକ୍ତର ଆର୍ ଘରକରି ହିସାବେ ମୋର ତାକର ଉପ୍‌ରେ ବହୁତ୍ ସମ୍‌ମାନ ଅଛେ।

**ରଁଧାବଢ଼ା ଜାନ୍‌ସନ୍ କାଏଁ?**

❖ଇ ବିଦ୍ୟାରେ ମୁଇଁ ବହୁତ୍ ପଛେ। ଖାଲି ଚା, ଅଁଡା ଅମଲେଟ୍ ଛଡା ଆର କିଛି ନାଇଁଜାନି।

**ମାର୍କେଟିଂ କରସନ୍ କାଏଁ?**

❖ଆଗରୁ ସେ ଦାଇତିଅ ମୋର ଉପ୍‌ରେ ନାଇଁଥାଇ। ହେଲେ ଏହେଦେ କେତେବେଲେ କେନ୍‌ତା ସେ ଭାର ମୋତେ ସମ୍‌ଭାଲ୍‌ବାକେ ପଡୁଛେ।

**ଜୀବନ୍‌ର କେତେ ଅଭୁଲା ସୁଁର୍‌ତି?**

❖ମାଟ୍ରିକ ପାସ୍ କରବାରଟା ମୋର ଜୀବନରେ ସବୁଦିନର ଲାଗି ମନେରହେବା। ୧୯୭୫ରେ ମାଟ୍ରିକ ପାସ୍ କରିଥିଲି। ପହେଲା ଶ୍ରେଣୀରେ ମାଟ୍ରିକ ପାସ୍ କରିଥିବାର ଲାଗି ଗାଁର ଲୁକ୍‌କରନୁ ମୂଲ୍ କରି ବଁଧୁବାଁଧବ୍ ସବୁଆଡୁ ପରଶଁସାର ସୁଅ ଛୁଟିଥିଲା। ସେ ଖୁସି ସମିଆକେ ମୁଇଁ ସବୁଦିନର ଲାଗି ମନେରଖିମି।

